# ଅଯୋଧ୍ୟା[୧]

ଆଜିକାଲି
ଅଯୋଧ୍ୟାରେ
ଅନେକ ଭିଡ଼
ଅନେକ ଚିତ୍କାର
ଆମେ ଜାଣି ନଥିଲେ ତ
ଆମ ଭିତରେ
ଗୁଂଧି ହୋଇଥିଲା
ଯୁଗ ଯୁଗର
ଏତେ ନିଷ୍ଠୁର ଶିକାରୀପଣ ।।

ଆମ ନାକରେ
ପିଟି ହେଉଥିଲା
ପ୍ରତିଟି ଜୀବନ, ତା' ବିଶ୍ୱାସ, ଦର୍ଶନ
ଓ ଈଶ୍ୱରଙ୍କ ଭିତରୁ
ମାଂସର ଚହଟ ।।

ଆଉ ଅଯୋଧ୍ୟା ଆମକୁ ଦିଶୁଥିଲା
ରକ୍ତ ଜରଜର
ଏକ ଲାଲ ମାଂସର ମାନଚିତ୍ର ।।

ଭାବିଲ,
ଟିକେ ଭାବିଲ
ସତେ ତମେ କ'ଣ
ଅଯୋଧ୍ୟାକୁ ଖୋଜି ପାଇଲ?
ନା ବାଟ ହୁଡ଼ି
ପହଂଚି ଯାଇଛ
ଅଯୋଧ୍ୟା ବୋଲି
ଏକ ଅସରଂତି ଜଙ୍ଗଲକୁ??

[୧] ସପ୍ତର୍ଷି – ଏପ୍ରିଲ–୨୦୦୦